# NATIONAL NEWS BULLETIN (ODIA)
## 28 May - 2026
## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ପ୍ରଗତି ବୈଠକରେ ଅଧ୍ୟକ୍ଷତା କରି ସ୍ୱଚ୍ଛ ଭାରତ ମିଶନ୍ ଦ୍ୱିତୀୟ ପର୍ଯ୍ୟାୟର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ଉପରେ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱାରୋପ ।
- ଚାରୋଟି ହାଇକୋର୍ଟ୍‌ର ମୁଖ୍ୟ ବିଚାରପତି ଏବଂ ବରିଷ୍ଠ ଆଇନ୍‌ଜୀବୀ ଭି. ମୋହନାଙ୍କୁ ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ଭାବେ ନିଯୁକ୍ତି ପାଇଁ ସୁପ୍ରିମ୍‌କୋର୍ଟ୍ କଲେଜିୟମ୍‌ଙ୍କ ସୁପାରିସ୍ ।
- ନୂଆଦିଲ୍ଲୀରେ ଆଜି ଖରିଫ୍ ଅଭିଯାନ ପାଇଁ କୃଷି ଉପରେ ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କରିବେ କେନ୍ଦ୍ର ମନ୍ତ୍ରୀ ଶିବରାଜ ସିଂହ ଚୌହାନ ।
- ଦେଶ ବ୍ୟାପି ଆଜି ପାଳନ କରାଯାଉଛି ଇଦ୍-ଉଲ୍-ଆଝା ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଗତକାଲି ସନ୍‌ରାଇଜର୍ସ ହାଇଦ୍ରାବାଦ୍‌କୁ ୪୭ରନ୍‌ରେ ପରାସ୍ତ କଲା ରାଜସ୍ଥାନ ରୟାଲ୍ସ ।

# ପିଏମ୍-ପ୍ରଗତି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱଚ୍ଛ ଭାରତ ମିଶନ୍ ଦ୍ୱିତୀୟ ପର୍ଯ୍ୟାୟର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ନାଗରିକମାନଙ୍କ ପ୍ରତ୍ୟକ୍ଷ ଅଂଶଗ୍ରହଣ, ନିୟମିତ ଯାଞ୍ଚ ଏବଂ ବିଭିନ୍ନ ଅଂଶିଦାରମାନଙ୍କ ମଧ୍ୟରେ ସମନ୍ୱୟ ଜରିଆରେ ଏହି ମିଶନ୍‌ର ଫଳାଫଳ ସୁନିଶ୍ଚିତ କରାଯିବା ଉଚିତ୍ । ନୂଆଦିଲ୍ଲୀରେ ୫୧ତମ ପ୍ରଗତି ବୈଠକରେ ଅଧ୍ୟକ୍ଷତା କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ରାଜ୍ୟଗୁଡ଼ିକୁ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ପ୍ଲାଣ୍ଟ ଏବଂ ଗୋବର-ଧନ ପ୍ଲାଣ୍ଟ ସମ୍ବନ୍ଧୀୟ ଭିତ୍ତିଭୂମି ସ୍ଥାପନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ କହିଛନ୍ତି । ବୈଠକରେ ପ୍ରଧାନମନ୍ତ୍ରୀ ରେଳ, ବିଦ୍ୟୁତ୍ ଏବଂ ସଡ଼କ ପ୍ରକଳ୍ପ ସମ୍ପର୍କିତ ୯ଟି ରାଜ୍ୟର ୩୦ ହଜାର କୋଟି ଟଙ୍କା ସମ୍ବଳିତ ୭ଟି ଭିତ୍ତିଭୂମି ପ୍ରକଳ୍ପର ସମୀକ୍ଷା କରିଥିଲେ ।

ଶକ୍ତି କ୍ଷେତ୍ରର ସମୀକ୍ଷା କରିବା ଅବସରରେ ପ୍ରଧାନମନ୍ତ୍ରୀ ସହରାଞ୍ଚଳରେ ଛାତ ଉପରେ ସୌର ଶକ୍ତି ପ୍ରକଳ୍ପ ସ୍ଥାପନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ କହିଛନ୍ତି । ବିଶେଷ କରି ସହରଗୁଡ଼ିକରେ ଥିବା ଆବାସିକ କୋଠା ଏବଂ ସରକାରୀ ପ୍ରତିଷ୍ଠାନଗୁଡ଼ିକରେ ସୌର ଶକ୍ତି ପ୍ରକଳ୍ପ ସ୍ଥାପନ ଉପରେ ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଛନ୍ତି । ବିଦ୍ୟୁତ୍ ଖର୍ଚ୍ଚ ହ୍ରାସ

କରିବା, ଶକ୍ତି ସୁରକ୍ଷାକୁ ଉନ୍ନତ କରିବା ଏବଂ ସ୍ୱଚ୍ଛ ଶକ୍ତିକୁ ପ୍ରୋତ୍ସାହିତ କରିବା ଲାଗି ସୌର ଶକ୍ତି ପ୍ରକଳ୍ପ ସ୍ଥାପନକୁ ମିଶନ୍ ମୋଡ୍‌ରେ ଗ୍ରହଣ କରିବା ଲାଗି ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

ରାସ୍ତା ଏବଂ ବନ୍ଦର ଯୋଗାଯୋଗ ପ୍ରକଳ୍ପର ସମୀକ୍ଷା କରି ପ୍ରଧାନମନ୍ତ୍ରୀ ଭାଧବନ ବନ୍ଦରକୁ ବହୁମୁଖୀ ବିକାଶ ପ୍ରକଳ୍ପ ଭାବରେ ଗ୍ରହଣ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । କେନ୍-ବେତଓ୍ୱା ନଦୀ ସଂଯୋଗୀକରଣ ପ୍ରକଳ୍ପର ସମୀକ୍ଷା କରି ପ୍ରଧାନମନ୍ତ୍ରୀ ଏହାକୁ ଆନ୍ତଃ ରାଜ୍ୟ ଜଳ ସମସ୍ୟାର ସମାଧାନ ଦିଗରେ ଆଦର୍ଶ ଭାବରେ ଗ୍ରହଣ କରିବା ଲାଗି ଗୁରୁତ୍ୱାରୋପ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ସାର୍ବଜନୀନ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନରେ ବିଳମ୍ବ ହେଲେ ଖର୍ଚ୍ଚ ବୃଦ୍ଧି ପାଇବା ସହ ନାଗରିକମାନେ ଆବଶ୍ୟକୀୟ ସୁବିଧା ସୁଯୋଗରୁ ବଞ୍ଚିତ ହୋଇଥାନ୍ତି । ଶ୍ରୀ ମୋଦୀ କହିଛନ୍ତି, ବିଭିନ୍ନ ମନ୍ତ୍ରଣାଳୟ, ବିଭାଗ ଏବଂ ରାଜ୍ୟଗୁଡ଼ିକ ସମସ୍ୟାର ସମାଧାନ କରିବା କ୍ଷେତ୍ରରେ ସକ୍ରିୟ ଏବଂ ସମୟ ଭିତ୍ତିକ ଆଭିମୁଖ୍ୟ ଗ୍ରହଣ କରିବା ଉଚିତ୍ ।

# ପ୍ରେଜ୍-ସିକ୍କିମ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଗ୍ୟାଙ୍ଗ୍‌ଟକ୍‌ର ପାଲ୍‌ଜୋର୍ ଷ୍ଟାଡିୟମ୍‌ରେ ସିକ୍କିମ୍ ପୋଲିସ୍‌କୁ ରାଷ୍ଟ୍ରପତିଙ୍କ ପୋଲିସ୍ ଧ୍ୱଜା ପ୍ରଦାନ

କରିବେ । ଏହି ପୁରସ୍କାର ପାଇବା କ୍ଷେତ୍ରରେ ସିକ୍କିମ୍ ୧୫ତମ ରାଜ୍ୟ ଏବଂ ପୂର୍ବାଞ୍ଚଳର ତୃତୀୟ ରାଜ୍ୟ ହେବ । ଏହି ଅବସରରେ ସିକ୍କିମ୍ ପୋଲିସ୍‌ର ୪୦୦ ଜଣ ଯବାନ ପରେଡ୍‌ରେ ଅଂଶଗ୍ରହଣ କରିବେ । ରାଷ୍ଟ୍ରପତି ପୋଲିସ୍ ଧ୍ୱଜା, ଅସାଧାରଣ ସେବା, ଅନୁଶାସନ ଓ ଦେଶ ପ୍ରତି ସମର୍ପଣ ଲାଗି ସର୍ବୋଚ୍ଚ ସମ୍ମାନ ଭାବେ ପ୍ରଦାନ କରାଯାଇଥାଏ ।

# ଏସ୍‌ସି କଲେଜିୟମ୍

ସୁପ୍ରିମ୍‌କୋର୍ଟ୍ କଲେଜିୟମ୍ ୪ଟି ହାଇକୋର୍ଟ୍‌ର ମୁଖ୍ୟ ବିଚାରପତି ଏବଂ ବରିଷ୍ଠ ଆଇନ୍‌ଜୀବୀ ଭି. ମୋହନାଙ୍କୁ ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ଭାବେ ନିଯୁକ୍ତି ଲାଗି ସୁପାରିଶ କରିଛନ୍ତି । ସୁପ୍ରିମ୍‌କୋର୍ଟ୍ ୱେବ୍‌ସାଇଟ୍‌ରେ ଦିଆଯାଇଥିବା ତଥ୍ୟ ଅନୁଯାୟୀ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଚଳିତ ମାସ ୨୨ ଏବଂ ୨୭ ତାରିଖରେ ଅନୁଷ୍ଠିତ କଲେଜିୟମ୍ ବୈଠକରେ ଏହି ନିଷ୍ପତ୍ତି ହୋଇଛି । ପଞ୍ଜାବ ଏବଂ ହରିଆଣା ଉଚ୍ଚ ନ୍ୟାୟାଳୟ ମୁଖ୍ୟ ବିଚାରପତି ସିଲ୍‌ନାଗୁ, ବମ୍ବେ ହାଇକୋର୍ଟ୍‌ର ମୁଖ୍ୟ ବିଚାରପତି ଶ୍ରୀ ଚନ୍ଦ୍ରଶେଖର, ମଧ୍ୟପ୍ରଦେଶ ହାଇକୋର୍ଟ୍‌ର ମୁଖ୍ୟ ବିଚାରପତି ସଞ୍ଜୀବ ସଚଦେବା, ଜାମ୍ମୁ କାଶ୍ମୀର ଏବଂ ଲଦାଖ ହାଇକୋର୍ଟ୍‌ର ମୁଖ୍ୟ ବିଚାରପତି ଅରୁଣ ପାଲି ଏବଂ ଆଇନ୍‌ଜୀବୀ ଭି. ମୋହନାଙ୍କୁ ସୁପ୍ରିମ୍‌କୋର୍ଟର ବିଚାରପତି ଭାବେ ନିଯୁକ୍ତି ଲାଗି ସୁପାରିସ୍

କରାଯାଇଛି । ସର୍ବୋଚ୍ଚ ନ୍ୟାୟାଳୟରେ ପ୍ରଧାନ ବିଚାରପତିଙ୍କ ସମେତ ଏବେ ୩୨ ଜଣ ବିଚାରପତି ରହିଛନ୍ତି । ଆସନ୍ତା ମାସରେ ଦୁଇ ଜଣ ବିଚାରପତି ଅବସର ଗ୍ରହଣ କରିବେ । ପୂର୍ବରୁ ସୁପ୍ରିମ୍‌କୋର୍ଟରେ ବିଚାରପତିଙ୍କ ସଂଖ୍ୟା ୩୪ରୁ ୩୮କୁ ବୃଦ୍ଧି କରିବା ଲାଗି ଅଧ୍ୟାଦେଶ ଜାରି କରାଯାଇଥିଲା ।

## ଜୟଶଙ୍କର-ସାଇପ୍ରସ

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ସାଇପ୍ରସ୍‌ରେ ୟୁରୋପୀୟ ସଂଘର ବୈଦେଶିକ ମନ୍ତ୍ରୀମାନଙ୍କ ବୈଠକରେ ଯୋଗଦେବା ଲାଗି ଜିମ୍ନିଜ୍‌ରେ ପହଞ୍ଚିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ବୈଦେଶିକ ମନ୍ତ୍ରୀ ଡକ୍ଟର ଜୟଶଙ୍କର ୟୁରୋପୀୟ ଆୟୋଗର ଉପାଧ୍ୟକ୍ଷ କାଜା କଲାସ୍ ଏବଂ ସାଇପ୍ରସ୍‌ର ବୈଦେଶିକ ମନ୍ତ୍ରୀ ଡକ୍ଟର କନ୍‌ଷ୍ଟାଣ୍ଟିନସ୍ କୋମ୍ବୋଜ୍‌ଙ୍କୁ ନିମନ୍ତ୍ରଣ ପାଇଁ ଧନ୍ୟବାଦ ଜଣାଇଛନ୍ତି ।

## ଚୌହାନ୍-ଖରିପ୍ କ୍ୟାମ୍ପେନ୍

ନୂଆଦିଲ୍ଲୀରେ ଆଜି ଖରିଫ୍ ଅଭିଯାନ ପାଇଁ କୃଷି ଉପରେ ଜାତୀୟ ସମ୍ମିଳନୀକୁ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ

ଉଦ୍‌ଘାଟନ କରିବେ । ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ରାଜ୍ୟଗୁଡ଼ିକର ଅଂଶଗ୍ରହଣ, କୃଷି ଏବଂ ଆନୁସଙ୍ଗୀକ କ୍ଷେତ୍ର ସହ ଜଡ଼ିତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହେବ । କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଏହି ସମ୍ମିଳନୀରେ ଆଗାମୀ ଖରିଫ୍ ଋତୁ ପାଇଁ ରଣନୀତି ପ୍ରସ୍ତୁତ କରିବା ନିମନ୍ତେ ସ୍ଥାୟୀ କୃଷି, ବୃଦ୍ଧି ପାଉଥିବା ଉତ୍ପାଦକତା, ଜଳବାୟୁ ସ୍ଥିରତା, ଭିତ୍ତିଭୂମି ସୁଦୃଢ଼ିକରଣ ଏବଂ କୃଷକ ସମୃଦ୍ଧି ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରାଯିବ । ସମ୍ମିଳନୀରେ ରାଜ୍ୟ ସରକାର, ଆଇ.ସି.ଏ.ଆର୍., କୃଷି ପ୍ରତିଷ୍ଠାନ ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ବରିଷ୍ଠ ଅଧିକାରୀମାନେ ଯୋଗଦେବେ । ଦେଶରେ ଖରିଫ୍ ଋତୁରେ କୃଷି ଏବଂ ଉତ୍ପାଦନ ସମ୍ବନ୍ଧିତ ଆହ୍ୱାନ ଓ ପ୍ରତିବନ୍ଧକ ଗୁଡ଼ିକ ବିଷୟରେ ଆଲୋଚନା କରାଯାଇ ସମାଧାନର ସୂତ୍ର ବାହାର କରିବା ଉପରେ ଧ୍ୟାନ କେନ୍ଦ୍ରୀତ କରାଯିବ ।

## ଏନ୍‌ସିଡବ୍ଲ୍ୟୁ-ମୁସଲିମ୍ ୱିମ୍ୟାନ୍

ଜାତୀୟ ମହିଳା କମିଶନ – ଏନ୍.ସି.ଡବ୍ଲ୍ୟୁ. ଭାରତରେ ମୁସଲିମ୍ ମହିଳାଙ୍କ ଅଧିକାର ଉପରେ ଏକ ବିସ୍ତୃତ ରିପୋର୍ଟ୍ କେନ୍ଦ୍ର ଗୃହ ମନ୍ତ୍ରଣାଳୟ, ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ ଓ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟକୁ ପ୍ରଦାନ କରିଛନ୍ତି । ଦେଶରେ ମୁସଲିମ୍ ମହିଳାଙ୍କ ଆଇନ୍‌ଗତ, ସାମାଜିକ ଏବଂ ସାମ୍ବିଧାନିକ ଅଧିକାରକୁ ଦୃଢ଼ କରିବା

ଲକ୍ଷ୍ୟରେ ଜାତୀୟ ସ୍ତରରେ ଆଲୋଚନା ପର୍ଯ୍ୟାଲୋଚନା ପରେ କମିଶନ୍ କେତେକ ସୁପାରିଶ ରିପୋର୍ଟ୍‌ରେ ସ୍ଥାନିତ କରିଛନ୍ତି ।

ମହିଳାମାନଙ୍କ ଅଧିକାରକୁ ଦୃଢ଼ କରିବା କ୍ଷେତ୍ରରେ ସାମ୍ବିଧାନିକ ସୁରକ୍ଷା ଏବଂ ଆଇନ୍‌ଗତ ସଂସ୍କାରର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିବା ବେଳେ ଏହି ରିପୋର୍ଟ୍ ସମ୍ପୃକ୍ତ କ୍ଷେତ୍ରରେ ଅଧିକ ପାରଦର୍ଶିତା ଆଣିବ ବୋଲି କୁହାଯାଇଛି । ଏହି ରିପୋର୍ଟ୍‌ରେ ନ୍ୟାୟ ପାଇବା କ୍ଷେତ୍ରରେ ଅଧିକ ସ୍ୱଷ୍ଟତା ଏବଂ ସ୍ଥିରତା ଆଣିବା ଲାଗି ସୁପାରିଶ କରାଯାଇଛି ।

ବିଶେଷ କରି ବିବାହ, ଛାଡ଼ପତ୍ର, ଭରଣପୋଷଣ ଏବଂ ଉତ୍ତରାଧିକାର ସମ୍ପର୍କିତ ପ୍ରସଙ୍ଗଗୁଡ଼ିକ ଉପରେ ରିପୋର୍ଟ୍‌ରେ ଗୁରୁତ୍ୱ ଦିଆଯାଇଛି । ରିପୋର୍ଟ୍ ପ୍ରସ୍ତୁତି ସମୟରେ ମୁସଲିମ୍ ବ୍ୟକ୍ତିଗତ ଆଇନ୍ ସରିୟତ୍ ୧୯୩୭, ମୁସଲିମ୍ ବିବାହ ବିଚ୍ଛେଦ ଆଇନ୍ ୧୯୩୯, ମୁସଲିମ୍ ମହିଳା ଛାଡ଼ପତ୍ର ଅଧିକାର ସୁରକ୍ଷା ଆଇନ୍ ୧୯୮୬ ଏବଂ ମୁସଲିମ୍ ମହିଳା ବିବାହ ଅଧିକାର ସୁରକ୍ଷା ଆଇନ୍ ୨୦୧୯ର ବିଶ୍ଳେଷଣ କରାଯାଇଥିଲା ।

## ଇଦ୍-ଉଲ୍-ଆଝା

ଦେଶ ବ୍ୟାପି ଆଜି ଇଦ୍-ଉଲ୍-ଆଝା ପର୍ବ ପାଳନ କରାଯାଉଛି । ବିଭିନ୍ନ ମସଜିଦ୍‌ରେ ମୁସଲିମ୍ ସମ୍ପ୍ରଦାୟର ଲୋକମାନେ ନମାଜ ପାଠ

ଲାଗି ଏକତ୍ରିତ ହୋଇଛନ୍ତି । ଉତ୍ତରପ୍ରଦେଶ ସମେତ ଦେଶର ବିଭିନ୍ନ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଇଦ୍-ଉଲ୍-ଜୁହା ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ରାଷ୍ଟ୍ରପତି କହିଛନ୍ତି, ଏହି ପର୍ବ ଭକ୍ତି, ତ୍ୟାଗ ଏବଂ ନିସ୍ୱାର୍ଥପରତାର ପ୍ରତୀକ । ମାନବତାର ସେବା କରିବା ଲାଗି ଏହି ପର୍ବ ପ୍ରେରଣା ଦେଇଥାଏ । ତେଣୁ ସମାଜରେ ପ୍ରେମର ଏବଂ ସଦ୍‌ଭାବନାକୁ ପ୍ରୋତ୍ସାହିତ କରିବା ପାଇଁ ସଂକଳ୍ପ ନେବାକୁ ରାଷ୍ଟ୍ରପତି ଆହ୍ୱାନ ଦେଇଛନ୍ତି ।

## ଅମିତ ଶାହା-ଗୁଜରାଟ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ଦିନିକିଆ ଗୁଜରାଟ ଗସ୍ତରେ ଯିବେ । ଶ୍ରୀ ଶାହା ଅହମଦାବାଦ ଏବଂ ଗାନ୍ଧିନଗର ଜିଲ୍ଲାରେ ଅନେକ ଗୁଡ଼ିଏ ଜନକଲ୍ୟାଣକାରୀ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ । ଏଥିରେ ଶିକ୍ଷା ଏବଂ ଗ୍ରାମୀଣ ଭିତ୍ତିଭୂମି ପ୍ରକଳ୍ପ ରହିଛି ।

ଗାନ୍ଧିନଗରର କଲୋଲ୍ ତହସିଲ୍‌ରୁ ଶ୍ରୀ ଶାହା ଗସ୍ତ ଆରମ୍ଭ କରିବାକୁ ଥିବା ବେଳେ ସେଠାରେ ସେ କେତେକ ବିକାଶ ମୂଳକ ପ୍ରକଳ୍ପର ଉତ୍ସର୍ଗ କରିବେ । କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ପଦକ୍ଷେପ ଅଧୀନରେ ତିନୋଟି ନବନିର୍ମିତ ପାଠାଗାର, ପ୍ରାଥମିକ ବିଦ୍ୟାଳୟ କୋଠା ଉଦ୍‌ଘାଟନ

କରିବାର କାର୍ଯ୍ୟକ୍ରମ ରହିଛି । ପରେ ଶ୍ରୀ ଶାହା ଭିମଜୀପୁରା ଠାରେ ଭାରତ ମାତା ସ୍କୋୟାର୍ ଏବଂ ସୋଲା ସ୍ଥିତ ମାତା ଉମିୟ ଧାମ୍ କମ୍ପ୍ଲେକ୍ସରେ ନୂଆ ହଷ୍ଟେଲ୍‌ର ଉଦ୍‌ଘାଟନ କରିବେ । ଏହି ଗସ୍ତ ଅବସରରେ ମନ୍ତ୍ରୀ ଶ୍ରୀ ଶାହା ଆଗାମୀ ଅଲିମ୍ପିକ୍, ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଭିତ୍ତିଭୂମି ପ୍ରସ୍ତୁତି କାର୍ଯ୍ୟ ନେଇ ସାହିବାଗ ସର୍କିଟ୍ ହାଉସ୍‌ଠାରେ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରିବେ ।

# ଅମିତ ଶାହା-ଗୁଜରାଟ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ଦିନିକିଆ ଗୁଜରାଟ ଗସ୍ତରେ ଯିବେ । ଶ୍ରୀ ଶାହା ଅହମଦାବାଦ ଏବଂ ଗାନ୍ଧିନଗର ଜିଲ୍ଲାରେ ଅନେକ ଗୁଡ଼ିଏ ଜନକଲ୍ୟାଣକାରୀ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ । ଏଥିରେ ଶିକ୍ଷା ଏବଂ ଗ୍ରାମୀଣ ଭିତ୍ତିଭୂମି ପ୍ରକଳ୍ପ ରହିଛି ।

ଗାନ୍ଧିନଗରର କଲୋଲ୍ ତହସିଲ୍‌ରୁ ଶ୍ରୀ ଶାହା ଗସ୍ତ ଆରମ୍ଭ କରିବାକୁ ଥିବା ବେଳେ ସେଠାରେ ସେ କେତେକ ବିକାଶ ମୂଳକ ପ୍ରକଳ୍ପର ଉତ୍ସର୍ଗ କରିବେ । କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ପଦକ୍ଷେପ ଅଧୀନରେ ତିନୋଟି ନବନିର୍ମିତ ପାଠାଗାର, ପ୍ରାଥମିକ ବିଦ୍ୟାଳୟ କୋଠା ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ପରେ ଶ୍ରୀ ଶାହା ଭିମଜୀପୁରା ଠାରେ ଭାରତ ମାତା ସ୍କୋୟାର୍ ଏବଂ ସୋଲା ସ୍ଥିତ ମାତା ଉମିୟ ଧାମ୍

କମ୍ପ୍ଲେକ୍ସରେ ନୂଆ ହଷ୍ଟେଲ୍‌ର ଉଦ୍‌ଘାଟନ କରିବେ । ଏହି ଗସ୍ତ ଅବସରରେ ମନ୍ତ୍ରୀ ଶ୍ରୀ ଶାହା ଆଗାମୀ ଅଲିମ୍ପିକ୍, ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଭିତ୍ତିଭୂମି ପ୍ରସ୍ତୁତି କାର୍ଯ୍ୟ ନେଇ ସାହିବାଗ ସର୍କିଟ୍ ହାଉସ୍‌ଠାରେ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରିବେ ।

## ସିବିଏସ୍‌ଇ କ୍ଲାରିଫିକେସନ୍

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ସି.ବି.ଏସ୍.ଇ. ହାଇଦ୍ରାବାଦ୍ ସ୍ଥିତ କୋଏମ୍ପଟ୍ ଏଡୁଟେକ୍ ନାମକ ଶିକ୍ଷାଗତ ପ୍ରଯୁକ୍ତିବିଦ୍ୟା କମ୍ପାନୀ ସହ ପରୀକ୍ଷା ମୂଲ୍ୟାଙ୍କନ ସମ୍ପର୍କିତ  ଚୁକ୍ତି କରାଯିବାରେ ଥିବା ତ୍ରୁଟି ବିଷୟକୁ ପ୍ରତ୍ୟାଖ୍ୟାନ କରିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏହି ସୂଚନା ସି.ବି.ଏସ୍.ଇ. ଭ୍ରମାତ୍ମକ ଏବଂ ତଥ୍ୟ ଆଧାରିତ ନୁହେଁ ବୋଲି କହିଛି । ସମ୍ପୃକ୍ତ ସଂସ୍ଥାକୁ ଚୁକ୍ତି ପ୍ରଦାନ କରିବା କ୍ଷେତ୍ରରେ ସାଧାରଣ ଆର୍ଥିକ ନିୟମ ପ୍ରୋଟକଲ ପାଳନ କରାଯାଇଥିବା କୁହାଯାଇଛି । ଗତବର୍ଷ ଅଗଷ୍ଟ ମାସରେ କେନ୍ଦ୍ରୀୟ ପବ୍ଲିକ୍ ପ୍ରୋକିୟୋର୍‌ମେଣ୍ଟ ପୋର୍ଟାଲ୍‌ରେ ୨୦୨୬ ବୋର୍ଡ଼ ପରୀକ୍ଷା ପାଇଁ ଉତ୍ତର ପୁସ୍ତିକାର ଡିଜିଟାଲ୍ ମୂଲ୍ୟାୟନ ପାଇଁ ଆର୍.ଏଫ୍.ପି. ଜାରି କରିଥିଲା ଏବଂ ଯୋଗ୍ୟ ବିଡର୍‌ଙ୍କୁ ଚୁକ୍ତି ପ୍ରଦାନ କରିଥିଲା ।

# ଆଇପିଏଲ୍ କ୍ରିକେଟ୍

ଆଇପିଏଲ୍ କ୍ରିକେଟ୍‌ରେ ନୂଆ ଚଣ୍ଡିଗଡ଼ରେ ଗତ ସନ୍ଧ୍ୟାରେ ଅନୁଷ୍ଠିତ ଏଲିମିନେଟର ପର୍ଯ୍ୟାୟ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ୪୭ରନ୍‌ରେ ସନ୍‌ରାଇଜର୍ସ୍ ହାଇଦ୍ରାବାଦ୍‌କୁ ପରାସ୍ତ କରିଛି । ୨୪୪ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ସନ୍‌ରାଇଜର୍ସ୍ ହାଇଦ୍ରାବାଦ୍ ୧୯ ଓଭର ୨ଟି ବଲ୍‌ରେ ୧୯୬ରନ୍ କରିବାକୁ ସକ୍ଷମ ହୋଇଥିଲା । ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ରାଜସ୍ଥାନ ରୟାଲ୍ସ ୮ ୱିକେଟ୍ ବିନିମୟରେ ୨୪୩ରନ୍ ସ୍କୋର କରିଥିଲା । ବୈଭବ ସୂର୍ଯ୍ୟ ବଂଶୀଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା ।

ଆସନ୍ତାକାଲି ଦ୍ୱିତୀୟ କ୍ୱାଲିଫାୟର୍ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ଏବଂ ଗୁଜରାଟ ଟାଇଟନ୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଆସନ୍ତା ରବିବାର ଦିନ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ ।